# Akashvani, Sambalpur

## SAMBALPURI NEWS EVENING BULLETIN

**7 November 2025- 7.02 pm- 7.12 pm.**

*********************************************

୧- ଭାରତୀୟମାନ୍‌କର୍ ସବୁ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦକ୍ଷତା ଅଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ବଛର୍‌କିଆ ସ୍ମାରକୀ ଉତ୍ସବ୍‌ର କଲେ ଶୁଭାରମ୍ଭ ।

- ଭୁବ୍‌ନେଶ୍ୱର୍ ନ ରାଜ୍ୟସ୍ତରୀୟ ସମାରୋହଥି ଯୋଗ୍ ଦେଲେ୍ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶାର୍ ଲାଗି ହଜାରେ କୋଟି ଟଙ୍କାର୍ କେନ୍ଦ୍ରୀୟ ସଡ଼କ ଭିତିଭୂମିର୍ ପାଣ୍ଠି ଘୋଷ୍‌ନା କଲେ- କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ।

୩- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌କେ ନେଇକରି ଜାରି ହେଲା ନିର୍ଦ୍ଦେଶ୍‌ନାମା ।

ଆଉର୍

୪- କର୍କଟ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ଜାତୀୟ କର୍କଟ ସଚେତନତା ଦିବସ୍ ।

ବନ୍ଦେ ମାତରମ୍- ୧୫୦        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌କେ ଆଏଜ୍ ଶହେ ୫୦ ବଛର୍ ପୁରା ହେଇଛେ । ଇ ଅବ୍‌ସରେ ନୂଆଦିଲ୍ଲୀ ନ ଆଏଜ୍ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବଛର୍‌କିଆ ସ୍ମାରକୀ ସମାରୋହର୍ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପ୍ରାମାଣିକ୍ ଚିତ୍ର ପ୍ରଦର୍ଶନ୍ ହେବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସ୍ମାରକୀ ଡାକ୍ ଟିକଟ୍ ଆଉ ମୁଦ୍ରାର୍ ଉନ୍ମୋଚନ୍ କରିଛନ୍ । ସାରା ଦେଶେ ଆଏଜ୍ ଶହେ ୫୦ ଟା ଜାଗା ନ ରାଷ୍ଟ୍ରଗୀତ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍ ହେଇଛେ । ଭୁବ୍‌ନେଶ୍ୱର୍ ସହେତେ ବ୍ରହ୍ମପୁର୍, ବାଲେଶ୍ୱର୍, କେନ୍ଦୁଝର୍ ଆଉ ରାଉର୍‌କେଲା ନ ଭିଲ୍ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ୍ ଗଣମାଧ୍ୟମ୍ ବାର୍ତାଥି କହିଛନ୍,  ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀଙ୍କର୍ ରଚିତ୍ ୧୯ ଶହ ଶତାବ୍ଦୀର୍ ଇ ଗୀତ୍ ବ୍ରିଟିସ୍ ରାଜ୍ ବିରୋଧ୍‌ଥି ତହଁକ୍ ସାଜିଥିଲା ।

ସୂଚ୍‌ନା ଅନ୍‌ସାରେ ବଙ୍କିମ୍ ଚନ୍ଦ୍ର ଚାଟାର୍ଜୀ ୧୮୭୫ ମସିହା ବେଲ୍‌କେ ବନ୍ଦେ ମାତରମ୍ ଗୀତ୍ ରଚନା କରିଥିଲେ ।

ବନ୍ଦେ ମାତରମ୍ -ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସବୁ ସଂକଳ୍ପ ସମ୍ପାଦନ୍ ଆଉ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଭାରତୀୟମାନ୍‌କର୍ ଦକ୍ଷତା ଅଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀ ନ ଆଏଜ୍ ରାଷ୍ଟ୍ରୀୟ ଗୀତ୍ ବନ୍ଦେ ମାତରମ୍‌ର ୧୫୦ ବଛର୍ ପୂର୍ତିର୍ ବଛର୍‌କିଆ ସ୍ମାରକୀ ଉତ୍ସବ୍‌କେ ଶୁଭାରମ୍ଭ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ବନ୍ଦେ ମାତରମ୍ ଗୁଟେ ମନ୍ତ୍ର, ଗୁଟେ ସପନ୍, ଗୁଟେ ସଂକଳ୍ପ ଆଉ ଗୁଟେ ଶକ୍ତି ଆଏ । ଇ ଗୀତ୍ ଗୁଟେ ତହଁକ୍‌ଭରା ଆହ୍ୱାନ୍, ଯେନ୍‌ଟାକି ପିଢ଼ି ପିଢ଼ି ଧରି ଅନୁପ୍ରାଣିତ୍ କର୍‌ବାର୍ ସହେତେ ସାରା ଦେଶେ ଦେଶ୍‌ପ୍ରେମ୍‌ର ଭାବ୍‌ନା ଜଗଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍...

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ବନ୍ଦେ ମାତରମ୍ -ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବନ୍ଦେ ମାତରମ୍ ଖାଲି ଗୁଟେ ଗୀତ୍ ନୁହେଁ, ଇଟା ରାଷ୍ଟ୍ରପ୍ରେମ, ତ୍ୟାଗ ଆଉ ଦେଶ୍ ଲାଗି ସମର୍ପଣ ଭାବ୍‌ନାର୍ ପ୍ରତୀକ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ବନ୍ଦେ ମାତରମ୍‌ର ୧୫୦

ବଛର୍ ପୂର୍ତି ଅବ୍‌ସରେ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ଗୀତ୍ ଭାରତୀୟ ସ୍ୱାଧୀନତା ସଂଗ୍ରାମ୍ ସମିଆଥି ଦେଶ୍‌ବାସୀଙ୍କର୍ ଭିତ୍‌ରେ ତହଁକ୍ ଜାଗରଣ୍ ଆଉ ବୈପ୍ଳବିକ୍ ମନୋଭାବ୍ ଜାଗ୍ରତ୍ କରିଥିଲା । ଆଏବା ଦିନେ ବନ୍ଦେ ମାତରମ୍ ରାଷ୍ଟ୍ରବାଦ୍‌କେ ନୂଆଁ ସଂଜ୍ଞା ଦେବାର୍‌ଥି ସଫଲ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବନ୍ଦେ ମାତରମ୍ -ଜିଲ୍ଲା

ସମ୍ବଲପୁର/ ନୂଆପଡ଼ା/ ବୌଦ୍ଧ/ ବର୍‌ଗଡ଼୍/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍

ନୂଆପଡ଼ା ଜିଲ୍ଲା ନ ବିଜେପି ତର୍‌ଫୁ ହେଇଥିବା ସାମୂହିକ୍ ରାଷ୍ଟ୍ରଗାନ୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ପୁରୀ ଆଉ ବାଲେଶ୍ୱର୍‌ର ସାଂସଦ୍ ଉପସ୍ଥିତ୍ ଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାସ୍କୁଲ୍ ଠାନେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅଧିକାରୀ, କର୍ମଚାରୀ ଆଉ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାଇଥିଲେ । ସେନ୍ତା ରେଲ୍‌ମଣ୍ଡଲ୍ ତର୍‌ଫୁ ମଣ୍ଡଳ ରେଳ ପ୍ରବନ୍ଧକ

କାର୍ଯ୍ୟାଲୟ ସହେତେ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ସାମୂହିକ୍ ରାଷ୍ଟ୍ରଗାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ସହେତେ ଅଧିକାରୀ ଆଉ କର୍ମଚାରୀମାନେ ବନ୍ଦେ ମାତରମ୍ ଗାଇଥିଲେ । ଭିନ୍ ଭିନ୍ ଅନୁଷ୍ଠାନ୍ ଆଉ ଶିକ୍ଷାନୁଷ୍ଠାନ୍‌ମାନ୍‌କୁ ଭିଲ୍ ସାମୂହିକ୍ ରାଷ୍ଟ୍ରଗାନ୍ କରାଯାଇଥିଲା ।

ବର୍‌ଗଡ଼୍ ଯଦୁମଣି ପ୍ରଧାନ୍ ପ୍ରେକ୍ଷାଳୟ ନ ହେଇଥିବା ସାମୂହିକ୍ ରାଷ୍ଟ୍ରଗାନ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ୍ ସହାୟ ମୀନା ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ହେଇଥିବା ସାମୂହିକ୍ ରାଷ୍ଟ୍ରଗାନ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍‌ଙ୍କର୍ ଅଧ୍ୟକ୍ଷତାଥି ସାମୂହିକ୍ ରାଷ୍ଟ୍ରଗାନ୍ କରାଯାଇଥିଲା ।

ଭାରତୀୟ ରୋଡ଼୍ କଂଗ୍ରେସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଡ଼କ ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଜୟରାମ୍ ଗଡ଼୍‌କରୀ ଆଏଜ୍ ଓଡ଼ିଶାର୍ ଲାଗି ହଜାରେ କୋଟି ଟଙ୍କାର୍ କେନ୍ଦ୍ରୀୟ ସଡ଼କ ଭିତିଭୂମିର୍ ପାଣ୍ଠି ଘୋଷ୍‌ନା କରିଛନ୍ । ଭୂବ୍‌ନେଶ୍ୱର୍ ନ ୮୪ ନମ୍ବର୍ ଭାରତୀୟ ସଡ଼କ କଂଗ୍ରେସ୍ ସମାବେଶ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସାଙ୍ଗେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀ କହିଛନ୍ । ଆଏବା କିଛି ଦିନ୍ ଭିତ୍‌ରେ ଭାରତ୍ ରାସ୍ତା ନେଟ୍‌ୱର୍କ କ୍ଷେତ୍ରଥି ପୁର୍‌ଥିର୍ ୧ ନମ୍ବର୍ ଦେଶ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ସାରା ଦେଶେ ଉନ୍ନତ୍ ମାନର୍ ରାସ୍ତା ତିଆରି ଲାଗି ୨ ଲାଖ୍ ୮୭ ହଜାର୍ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । ନିଜର୍ ନିଜର୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଆଉ ଜ୍ଞାନ୍‌ର ଆଦାନ୍ ପ୍ରଦାନ୍ କରିକରି ବିଶ୍ୱସ୍ତରର୍ ଡିପିଆର୍ ତିଆର୍ କର୍‌ବାର୍ ଦର୍‌କାର୍ ଅଛେ ବଲି ଶ୍ରୀ ଗଡ଼୍‌କରୀ କହିଛନ୍ ।

(ଭଏସ୍ ଓଭର୍- ନୀତିନ୍ ଗଡ଼୍‌କରୀ)

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ବିସ୍ତୃତ୍ ଭିତିଭୂମି ମାଷ୍ଟର୍ ପ୍ଲାନ୍ ଗଠନ୍ କରାଯାଉଛେ । ଇତାକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍ ୨୦୨୫ -୨୬ ଆର୍ଥିକ୍ ବଛ୍‌ରେ ଓଡ଼ିଶା ଲାଗି ୧୩ ହଜାର୍ ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର୍ କରିଛନ୍ ।

ଆଏବା ୫ ବଛର୍ ଭିତ୍ରେ ରାଏଜେ ୭୫ ହଜାର୍ କିଲୋମିଟର୍ ରାସ୍ତା ତିଆରି ଲକ୍ଷ୍ୟ ରଖାଯାଇଛେ । ମନ୍ତ୍ରଣାଲୟ ତର୍ଫୁ ୪ ହଜାର୍ କୋଟି ଟଙ୍କାର୍ ୧୯ ଟା ସଡ଼କ ପ୍ରକଳ୍ପ କାମ୍ ମୁଲ୍ ହେଇଛେ ଆଉ ୧୩ ଟା ପ୍ରକଳ୍ପ ଲାଗି ୯ ହଜାର୍ କୋଟି ଟଙ୍କା ଆଘୋନୁ ମଞ୍ଜୁର୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ନୂଆପଡ଼ା- ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌କେ ଆଉ ୩ ଦିନ୍ ବାକି ରହିଛେ । ଚୂଡ଼ାନ୍ତ ପର୍ଯ୍ୟାୟଥି ସବୁ ରାଜନୈତିକ୍ ଦଲର୍ ପ୍ରାର୍ଥୀ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନେ ନିଜର୍ ଲାଗି ପ୍ରଚାର୍ କର୍‌ବାର୍ ସହେତେ ଭୋଟର୍ ମାନ୍‌କର୍ ବିଶ୍ୱାସ୍ ଜିତ୍‌ବାର୍ ଲାଗି ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ ।

ସେଆଡ଼େ ନିର୍ବାଚନ୍‌କେ ଫଟିକ୍ କର୍‌ବାର୍ ସହେତେ ମୁକ୍ତ, ଅବାଧ ଆଉ ଶାନ୍ତିପୂର୍ଣ୍ଣ ପରିବେଶ୍ ବନାବାର୍ ଲାଗି ଭୋଟ୍ ଗ୍ରହଣ୍‌ର ୪୮ ଘଂଟା ଆଘୋନୁ ପ୍ରଚାର୍ ଉପ୍‌ରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କର୍ ତର୍ଫୁ କଟ୍‌କନା ଜାରି କରାଯାଇଛେ । ଇ ବାବ୍‌ଦେ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ନିର୍ଦ୍ଦେଶ୍‌ନାମା ଅନ୍‌ସାରେ ଇ ସମିଆ ଭିତ୍‌ରେ ନିର୍ବାଚନ୍ ପ୍ରଚାର୍ କି ସାଧାରଣ ସଭା ନାଇଁ

ହେଇପାରେ । ପ୍ରଚାର୍ ଲାଗି ବାହାରୁ ଆସିଥିବା ରାଜନେତାମାନେ ନିର୍ବାଚନ୍ ମଣ୍ଡଲୀ ଛାଡ଼ିକରି ଯିବେ । ଇ ସମିଆଥି ନିର୍ବାଚନ୍ ବାବଦ୍ ଖବର୍ ପ୍ରସାରଣ୍ ଭିଲ୍ କରାଯାଇନାଇପାରେ । ଇତାର୍ ସହେତେ ବହୁତ୍ଟେ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ ।

ହକି ଶହେ ବଛର୍ ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ହକି ଇ ବଛର୍ ଶହେ ବଛର୍ ପୁରା କରିଛେ । ନୂଆଦିଲ୍ଲୀର୍ ମେଜର୍ ଧ୍ୟାନ୍ଚାନ୍ଦ୍ ଜାତୀୟ ଷ୍ଟାଡ଼ିୟମ୍ ଠାନେ ଆଏଜ୍ ହକି ଇଣ୍ଡିଆ ସାଙ୍ଗେ କେନ୍ଦ୍ର କ୍ରୀଡ଼ା ବିଭାଗ୍ ମିଶିକରି ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ୍ ହେଇଯାଇଛେ । ଦେଶର୍ ୫ ଶହ ୫୦ ନୁ ଅଏତ୍କା ଜିଲ୍ଲା ନ ସମାନ୍ ଭାବେ କାର୍ଯ୍ୟକ୍ରମ୍ ମାନ୍ ହେଉଛେ । ଇ ଅବ୍ସରେ 'ଭାରତୀୟ ହକିର ଶହେ ବର୍ଷ' ନାଁଥି ସ୍ମାରକୀ ପୁସ୍ତକ ଉନ୍ମୋଚନ୍ ହେଇଯାଇଛେ ।

ଜାତୀୟ କର୍କଟ ସଚେତନତା ଦିବସ୍ ଆର୍ଏନ୍ୟୁ କଟକ୍

ଆଏଜ୍ ଜାତୀୟ କର୍କଟ ସଚେତନତା ଦିବସ୍ । କର୍କଟ ରୋଗ୍ ବାବ୍ଦେ ଲୋକ୍ମାନ୍କର୍ ଭିତ୍ରେ ସଚେତନତା ସୃଷ୍ଟି

କର୍‌ବାର୍ ଲାଗି ୨୦୧୪ ମସିହାନୁ ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ କର୍କଟ ସଚେତନତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଅନନ୍ୟ ଲାଗି ଏକତ୍ରିତ୍ ହେମା' । ଧୂମ୍ରପାନ, ମଦ୍ୟପାନ, ଉପଯୁକ୍ତ ଖାଦ୍ୟ ଆଉ ବ୍ୟାୟାମ୍ ନାଇଁ କର୍‌ବାର୍ କାରଣ୍‌ନୁ କର୍କଟ ରୋଗ ହେସି ।  ପ୍ରାରମ୍ଭିକ୍ ଅବସ୍ଥାଥି ଚିହ୍ନଟ୍ ହେଲେ କର୍କଟ ରୋଗନୁ ମୁକ୍ତି ମିଲିପାର୍‌ବା ବଲି ବିଶେଷଜ୍ଞମାନେ ମତ ଦେଇଛନ୍ ।

ସନ୍ତରଣ ପ୍ରତିଯୋଗିତା          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଡାକ୍ତର୍ ଝସ୍‌କେତନ୍ ସାହୁ ସନ୍ତରଣାଗାର ନ ୬୯ ନମ୍ବର୍ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ ସନ୍ତରଣ ପ୍ରତିଯୋଗିତା ହେଇଯାଇଛେ । ୨ ଦିନିଆ ପ୍ରତିଯୋଗିତାଥି ରାଜ୍ୟର୍ ୧୬ ଟା ଜିଲ୍ଲାର୍ ୧୪ ଆଉ ୧୭ ବଛର୍‌ନୁ କମ୍ ବୟସ୍‌ର ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ଜିଲ୍ଲାସ୍ତରର୍ ପ୍ରତିଯୋଗିତା ମାନ୍‌କର୍ କୃତୀ ଛାତ୍ରଛାତ୍ରୀମାନେ ଇଥି ଭାଗ୍ ନେଇଛନ୍ । ଇଥି ସଫଲ୍ ହେଇକରି ସେମାନେ ଦିଲ୍ଲୀ ନ ହେବାର୍‌କେ ଥିବା ଜାତୀୟ ସ୍ତରର୍ ପ୍ରତିଯୋଗିତାଥି ସାମିଲ୍ ହେଇପାର୍‌ବେ ।

ଜିଲ୍ଲାସ୍ତରୀୟ ଏକତା ଦିବସ୍ କାର୍ଯ୍ୟକ୍ରମ   ବୌଦ୍ଧ ସମ୍ବାଦଦାତା

ଜିଲ୍ଲାସ୍ତରୀୟ ଏକତା ଦିବସ୍ କାର୍ଯ୍ୟକ୍ରମ୍ ଲାଗି ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ଠାନେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଯାଇଛେ । ଆଏବା ୧୦ ତାରିଖ୍ ଦିନ ହେବାର୍‌କେ ଥିବା ରାଷ୍ଟ୍ରୀୟ ଏକତା ଦିବସ୍ ସମାରୋହଥି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ୍ କରାଯିବା ।

ସୁରଭି କାର୍ଯ୍ୟକ୍ରମ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ବ୍ରଜମୋହନ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ସୁରଭି-୨୦୨୫ କାର୍ଯ୍ୟକ୍ରମ୍ ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଦୟାମୟ ପାଢ଼ୀ ଯୋଗ୍ ଦେଇକରି କୃତ୍ରିମ ଶିକ୍ଷକେ କେଭେଭିଲ୍ ପ୍ରକୃତ୍ ଶିକ୍ଷକଙ୍କର୍ ଜାଗା ନାଇଁ ନେଇପାରନ୍ ବଲି କହିଛନ୍ । ଇ ଅବ୍‌ସରେ ୧୩ ଟା ବ୍ଲକ୍ ନୁ ଆସିଥିବା କୃତୀ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର-ପଶ୍ଚିମ ଦିଗୁ ଆସୁଥିବା ସୁଖା ଆଉ ଥଣ୍ଡା ପବନ୍‌ର ପ୍ରଭାବ୍‌ଥି ଗଲା ତିନ୍‌ଦିନ୍ ହେଲା ରାଜ୍ୟର୍ ତାପମାତ୍ରା କମ୍ ହେବାର୍ ସହେତେ ଶୀତ୍ ବଢ଼ିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା । ୩/୪ ଦିନ୍ ଉତ୍‌ରୁ ଆହୁରି ୩ ନୁ ୪ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ଆର୍ ଶୀତ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।